ପାଠ-୧୧

# ଏକତାର ବଳ

## STUDY NOTES

### ୧. ପଢ଼ ଓ ଲେଖ ।

| | | | |
|---|---|---|---|
| ଡେସ୍କ | ଡେ ସ୍କ | କନିଷ୍ଠ | କନି ଷ୍ଠ |
| ବାଦ୍ୟ | ବା ଦ୍ୟ | ସମଷ୍ଟି | ସମ ଷ୍ଟି |
| ମେଣ୍ଢା | ମେ ଣ୍ଢା | ବଳିଷ୍ଠ | ବଳି ଷ୍ଠ |
| ଜନ୍ଦା | ଜ ନ୍ଦା | ସମ୍ପତ୍ତି | ସମ୍ପ ତ୍ତି |
| ପାମ୍ପଡ଼ | ପା ମ୍ପ ଡ଼ | ଅଳନ୍ଧୁ | ଅଳ ନ୍ଧୁ |

### ୨. ସଜାଇ ଲେଖ ।

| | | | | | |
|---|---|---|---|---|---|
| ଆଦହ୍ଲା | ଆହ୍ଲାଦ | ନରମସ୍କା | ନମସ୍କାର | ଅଏଣ୍ଡୁ | ଏଣ୍ଡୁଅ |
| ବକନ୍ଧୁ | ବନ୍ଧୁକ | ବିସଶ୍ୱା | ବିଶ୍ୱାସ | ସଅଭ୍ୟା | ଅଭ୍ୟାସ |
| ବନ୍ତସ | ବସନ୍ତ | | | | |

### ୩. ପଦ୍ୟଟିକୁ ପଢ଼ି ଉତ୍ତର ଲେଖ ।

କ) ପିମ୍ପୁଡ଼ିମାନେ କି ଚାଷ କରିବା ପାଇଁ ବିଚାର କଲେ ?

ଉ: ପିମ୍ପୁଡ଼ିମାନେ ଆଖୁଚାଷ କରିବା ପାଇଁ ବିଚାର କଲେ ।

ଖ) କିଏ କିଆରି ଜଗିଲା ?

ଉ: ପାତିମାଙ୍କଡ଼ କିଆରି ଜଗିଲା ।

ଗ) କ'ଣ ଦେଖି ହାତୀର ପାଟିରୁ ଲାଳ ଗଡ଼ିଲା ?

ଉ: ପାକଳ ଆଖୁ ଦେଖି ହାତୀର ପାଟିରୁ ଲାଳ ଗଡ଼ିଲା ।

ଘ) ପାତି କେଉଁଠାରୁ ଡାକ ଦେଲା ?

ଉ: ପାତି ଚମ୍ପାଗଛ ଡାଳରୁ ଡାକ ଦେଲା ।

ଙ) ପାତିର ଡାକଶୁଣି ପିମ୍ପୁଡ଼ିମାନେ କ'ଣ କଲେ ?

ଉ: ପାତିର ଡାକଶୁଣି ପିମ୍ପୁଡ଼ିମାନେ ଧାଇଁ ଆସିଲେ ।

ଚ) ପିମ୍ପୁଡ଼ିମାନେ ହାତୀ କବଳରୁ କିପରି ଆଖୁ କିଆରିକୁ ରକ୍ଷା କଲେ ?

ଉ: ପିମ୍ପୁଡ଼ିମାନେ ହାତୀକୁ କାମୁଡ଼ା କାମୁଡ଼ି କଲେ । ପିମ୍ପୁଡ଼ିମାନଙ୍କ କାମୁଡ଼ା ସହିନପାରି ହାତୀ ଜୀବନ ବିକଳରେ ଆଖୁ କିଆରି ଛାଡ଼ି ପଳାଇଗଲା । ଏହିପରି ଭାବରେ ପିମ୍ପୁଡ଼ିମାନେ ଆଖୁକିଆରିକୁ ହାତୀ କବଳରୁ ରକ୍ଷା କଲେ ।

**୪. ଆମେ ବିଲରେ କ'ଣ କ'ଣ ଚାଷ କରୁ ?**

ଯେପରି- ଆଖୁ, ହରଡ଼, ବାଦାମ, ବିରି, ମୁଗ, ଧାନ, ବୁଟ, ମଟର, କୋଳଥ, ମାଣ୍ଡିଆ, ସୋରିଷ

**୫. ତଳେ ଦିଆଯାଇଥିବା ଛବିଗୁଡ଼ିକ ଦେଖ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**



 କ) ଦଶଟି ପକ୍ଷୀର ନାମ ଲେଖ ।

ଉ: ବଣି ଚଢ଼େଇ, ଘରଚଟିଆ, ପାରା, ମାଛରଙ୍କା, କାଉ, ଶୁଆ, ହଳଦୀବସନ୍ତ, ଚିଲ, ବଗ, କୋଇଲି

ଖ) ପକ୍ଷୀମାନେ କେଉଁଠି ରହନ୍ତି ?

ଉ: ସାଧାରଣତଃ ପକ୍ଷୀମାନେ ବସା ତିଆରି କରି ବସାରେ ରହନ୍ତି ।

ODM EDUCATIONAL GROUP Changing your Tomorrow

ଗ) କେଉଁ ପକ୍ଷୀମାନଙ୍କର ରଙ୍ଗ କଳା ?

ଉ: କାଉ, କୋଇଲିର ରଙ୍ଗ କଳା ।

ଘ) କେଉଁ ପକ୍ଷୀର ରଙ୍ଗ ହଳଦିଆ ?

ଉ: ହଳଦୀବସନ୍ତର ରଙ୍ଗ ହଳଦିଆ ।

ଙ) କେଉଁ ପକ୍ଷୀ ପାଣିରେ ବୁଡ଼ି ମାଛ ଧରନ୍ତି ?

ଉ: ମାଛରଙ୍କା ପାଣିରେ ବୁଡ଼ି ମାଛ ଧରନ୍ତି ।

ଚ) କେଉଁ ପକ୍ଷୀ ମଳା ଜୀବଜନ୍ତୁ ଖାଏ ?

ଉ: ଶାଗୁଣା ମଳା ଜୀବଜନ୍ତୁ ଖାଏ ।

**୬. ତଳେ ଦିଆଯାଇଥିବା ପକ୍ଷୀମାନଙ୍କର ନାମ ଓ ସେମାନଙ୍କ ରଙ୍ଗ ଅନୁସାରେ ଠିକ୍ କୋଠରୀରେ ଲେଖ ।**

ବଗ, ଶୁଆ, ହଂସ, ହଳଦୀବସନ୍ତ, କାଉ, ଚିଲ, କୋଇଲି, ଶାଗୁଣା, କଜଳପାତି

| | |
|---|---|
| କାଉ, କୋଇଲି, କଜଳପାତି | ବଗ, ହଂସ, |
| ଶାଗୁଣା, ଚିଲ | ହଳଦୀବସନ୍ତ |
| ଶୁଆ | |

୭. ପକ୍ଷୀଟିକୁ ଚିହ୍ନି ରଙ୍ଗ ଦିଅ ।



♦♦♦